**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 05-01-2024**

**ବଲାଙ୍ଗୀର(ଓଡିଶା) - :2024-01-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2024-01-06 | 2024-01-07 | 2024-01-08 | 2024-01-09 | 2024-01-10 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 29.0 | 28.0 | 28.0 | 27.0 | 27.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 15.0 | 16.0 | 16.0 | 15.0 | 15.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 64 | 62 | 63 | 52 | 66 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 30 | 30 | 48 | 31 | 23 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 5 | 5 | 4 | 5 |
| ପବନର ଦିଗ (ଡିଗ୍ରୀ) | 90 | 117 | 195 | 210 | 114 |
| ମେଘାଚ୍ଛନ (ଅକ୍ଟା) | 0 | 2 | 2 | 2 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ଅନୁସାରେ ଆଗକୁ ୫ ଦିନ ପାଗ ଶୁଷ୍କ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୭-୨୯ ଡିଗ୍ରୀ ସେଲସିୟସ ୧୫-୧୬ ଡିଗ୍ରୀ ସେଲସିୟସ ସମ୍ଭାବନା। ସର୍ବାଧିକ ଓ ସର୍ବନିମ୍ନ ଅଦ୍ରତା ୫୨-୬୬ % ଏବଂ ୨୩-୪୮ % ସମ୍ଭାବନା। ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୪ ରୁ ୫ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବ। ସମ୍ଭାବନା । ଆଗକୁ ୫ ଦିନ ଆକାଶ ମୁଖ୍ୟତ ନିର୍ମଳ ସମ୍ଭାବନା।

## ସାଧାରଣ ଉପଦେଶ:

• ତଳିଘରା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ତଳି ଘେର ଉପରେ ଶୁଖିଲା ଗୋବର ଖତ ଗୁଣ୍ଡ ର ଏକ ପତଳା ଆସ୍ତରଣ ପକାନ୍ତୁ। • ତଳିଘରା କୁ ରାତ୍ରି ସମୟ ରେ ପଲିଥିନ ସାହାର୍ଯ୍ୟ ରେ ଘୋଡାଇ ରଖନ୍ତୁ । • ବର୍ତମାନ ଲଗାଇ ଥିବା କୋବି ଫସଲ କୁ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ। • ଶୀତ ଦିନିଆ ପନିପରିବା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣିରେ ପ୍ରତି ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

 ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବାରେ ଜଳ ସେଚନ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ବେଙ୍ଗଳା କରି ସାରିବା ପରେ ଧାନକୁ ଖରା ରେ ଶୁଖାଇ ଦିଅନ୍ତୁ । ଯାହାଦ୍ଵାରା ଅଦ୍ରତା ର ପରିମାଣ ୧୨% କୁ ଆସିଯିବ । ଦାନ୍ତ ରେ ଚୋବାଇଲେ କଡ କରି ଶବ୍ଦ ହେବ ଜାଣିବେ ଯେ ଧାନ ସୁଖି ଯାଇଛି । ଅମଳ ହୋଇଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ ବସ୍ତା ରେ ଭର୍ତି କରି ସୁରକ୍ଷିତ ସ୍ଥାନ ଭଲ ଭାବରେ ଘୋଡାଇ ରଖନ୍ତୁ ଯେପରିକି ଅଦିନିଆ ବର୍ଷା ଦ୍ଵାରା କିଛି କ୍ଷତି ନ ହୁଏ । |
| ମସୁର/ ହରଡ଼ | ହରଡ଼ ଗଛରେ ୭୦-୮୦ ଶତକଡା ଛୁଇଁ ଗୁଡିକ ହଳଦିଆ ରୁ ବାଦାମି ରଙ୍ଗର ଦେଖାଗଲେ ଅମଳ କରନ୍ତୁ । ଛୁଇଁ ଗୁଡିକ ଅଧିକ ଶୁଖି ଗଲେ ମଞ୍ଜି ଝଡି ପଡିବାର ସମ୍ଭାବନା ଥାଏ । ଅମଳ ପରେ ୩-୬ ଦିନ ଟାଣ ଖରାରେ ଶୁଖାନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଟମାଟର | ବର୍ତମାନ ସମୟରେ କୁହୁଡିଆ ପାଗ ଯୋଗୁଁ ଟମାଟୋରେ ଜଉ ପୋକ ଲାଗିବାର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ ପାଇଁ ନିମ୍ବ ଆଧାରିତ ତେଲ @ ୬୦୦ ପିପିଏମ କିମ୍ବା Flonicam @ ୬୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ବାଇଗଣ | ଯଦି ବାଇଗଣ ଓ ଲଙ୍କା ପାରିବା ରେ ପତ୍ରଖିଆ ସମ୍ଭାଳୁଆ, କାଣ୍ଡ ଓ ଫଳବିନ୍ଧା ଲାଗେ ତେବେ ପ୍ରତି ଲି . ପାଣିରେ ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ମି.ଲି Spinosad ୪୫ SC କୁ ମିଶାଇ ପ୍ରୟୋଗ କରନ୍ତୁ। |